ISSN: 2456-9194, Vol. VII, Issue. IV, March 2024

CPHFS

# ପ୍ରତ୍ୟୟ

(Journal of Odia Language, Culture and Science)

Peer-Reviewed Journal - Homepage: http://cphfs.in/research.php

# କୋରାପୁଟ ଜିଲ୍ଲାର କନ୍ଧ ଆଦିବାସୀଙ୍କ ଜୀବନ ଚର୍ଯ୍ୟା ଓ ସାମାଜିକ ଜୀବନଶୈଳୀ: ଏକ ବିହଙ୍ଗାବଲୋକନ

**ରମେଶ ମାଣ୍ଡିଙ୍ଗା (ଗବେଷକ), ଡକ୍ଟର ଅମୂଲ୍ୟ ରତ୍ନ ନନ୍ଦ** (ସହାୟକ ପ୍ରଫେସର)

କିସ୍ ମାନିତ ବିଶ୍ୱ ବିଦ୍ୟାଳୟ,ଭୁବନେଶ୍ୱର

Email:rameshmandinga1997@gmail.com

**ସାରାଂଶ:** *କୋରାପୁଟ ଜିଲ୍ଲାର ଜନଜୀବନକୁ ପର୍ଯ୍ୟାଲୋଚନ କରିବା ଆଗରୁ ଏଠାରେ ବସବାସ କରୁଥିବା ଅଧିବାସୀଙ୍କ ପ୍ରକାର ଭେଦକୁ ବୁଝିବା ନିହାତି ଜରୁରୀ । ଭାଷା ଭିତ୍ତିରେ ବିଭିନ୍ନ ଅଞ୍ଚଳ ତଥା ରାଜ୍ୟ ଗଠନ ହୋଇଥିବା ବେଳେ କୋରାପୁଟରେ ମଧ ଅନେକ ଦେଶୀୟ ଭାଷାଭାଷି ଜିଲ୍ଲା ଭାବେ ବିଭାଜିତ କରାଯାଇଛି କହିଲେ କିଛି ଭୁଲ ହେବ ନାହିଁ, ତେଣୁ କୋରାପୁଟର ଅଧିକାଂଶ ଜନସାଧାରଣ ସାଧାରଣତଃ ନିଜର କଥିତ ଦେଶିଆ ଭାଷାରେ ହିଁ କଥାବାର୍ତ୍ତା ହୋଇଥାନ୍ତି । ଏଠାକାର ମୂଳ ଆଦିବାସୀ କହିଲେ କନ୍ଧ ସମ୍ପ୍ରଦାୟର ଲୋକଙ୍କୁ ହିଁ କୁହାଯାଏ । ଜିଲ୍ଲାର ସମୁଦାୟ ଜନସଂଖ୍ୟା ମଧ୍ୟରୁ ପ୍ରାୟ (୧୩୭୯,୬୪୭) ବାସ କରୁଥିବା ବେଳେ କେବଳ କନ୍ଧ ଆଦିବାସୀମାନଙ୍କ ଜନସଂଖ୍ୟା ପ୍ରାୟତଃ ୬.୫୮ ଲକ୍ଷ । କନ୍ଧ ଆଦିବାସୀମାନଙ୍କ  ଜୀବନ ଶୈଳୀ ଅନ୍ୟ ଆଦିବାସୀମାନଙ୍କ ତୁଳନାରେ ଟିକେ ନିଆରା ମନେ ହୁଏ । ଏହାସତ୍ତ୍ୱେ ବି କନ୍ଧ ଆଦିବାସୀଙ୍କ ଉପରେ ଏ ପର୍ଯ୍ୟନ୍ତ ଯାହା ବି ଆଲୋଚନା ହୋଇଛି, ତାହା ପର୍ଯ୍ୟାପ୍ତ ନୁହେଁ । କୋରାପୁଟ ଜିଲ୍ଲା ଘଞ୍ଚ ଜଙ୍ଗଲ, ଉଚ୍ଚାଉଚ୍ଚା ପାହାଡ଼ର ପରିବେଷ୍ଟିନୀରେ ଅବଗୁଣ୍ଠିତ ହୋଇ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟର ଗନ୍ତାଘର  ହୋଇ ରହିଥିବାରୁ,  ଏମାନଙ୍କ ଜୀବନଶୈଳୀପାଇଁ ଆମକୁ ଫେରିବାକୁ ହେବ ସେଇ ମାଳମାଳ ଜଙ୍ଗଲ ପର୍ବତର ପାହାଡ଼ର ଉପରକୁ । ଯେଉଁଠାରେ ଏମାନେ ବର୍ଷବର୍ଷ ଧରି ଜୀବିକା ନିର୍ବାହ କରି ଆସୁଛନ୍ତି । ଯାହାଦ୍ୱାରା ସେମାନଙ୍କ ଜୀବନ ଧରଣର ସ୍ୱଷ୍ଟ ଓ ପ୍ରାଞ୍ଜଳ ଭାବରେ ଜୀବନଚର୍ଯ୍ୟାକୁ ପର୍ଯ୍ୟାଲୋଚନା କରିହେବ । ଅତଏବ ଆଲୋଚିତ କନ୍ଧ ଜନଜାତିର ଜୀବନ ଚର୍ଯ୍ୟାକୁ ଜାଣିବା ପାଇଁ ଏବଂ ଗୋଷ୍ଠୀଗତ ଜୀବନକୁ ଭିନ୍ନତା ଜାଣିବା ପାଇଁ ବିଭିନ୍ନ ତଥ୍ୟର ଅବତାରଣା ଏ କ୍ଷେତ୍ରରେ ପ୍ରାସଙ୍ଗିକ ହୋଇ ପାରେ ।ଏଣୁ ଏହି ପ୍ରବନ୍ଧରେ କୋରାପୁଟ ଜିଲ୍ଲାର କନ୍ଧ ଆଦିବାସୀଙ୍କ ଜୀବନ ଚର୍ଯ୍ୟା ଓ ସାମାଜିକ ଜୀବନଶୈଳୀ ଉପରେ ଏକ ସମକ୍ଷିପ୍ତ ଆଲୋଚନା କରାଯାଇଛି ।*

**ପ୍ରମୁଖ ଶବ୍ଦ:** କନ୍ଧ ଜନଜାତି, ସାମାଜୀକ ଜୀବନଶୈଳୀ, କୋରାପୁଟ, ତିମଣା, ଜାମ୍ବିଲି, ନାଙ୍ଗୁ, ଗୁଣ୍ଟୁ, ଟିକିମୁନ୍ଦି, ପୁସା

## ଉପକ୍ରମ

ଇଚ୍ଛାମୟଙ୍କ ସୃଷ୍ଟିରେ କେହି କାହାପରି ନୁହଁନ୍ତି । ପ୍ରକୃତିର ସ୍ଥାନ, କାଳ,ପାତ୍ର ଭେଦରେ ମଣିଷର ରୂପ, ରଙ୍ଗ, ଚାଲିଚଳଣି, ଆଚାର, ବିଚାରରେ କିଛି ନା କିଛି ସ୍ୱତନ୍ତ୍ରତା ରହିଥାଏ ଓ ଏହା ରହିଛି ମଧ । ସାଂପ୍ରତିକ ସମୟର ସମସ୍ତ ଜିଲ୍ଲାର ଅଧିବାସୀ ଓ ଆଦିବାସୀଙ୍କ ଜୀବନଚର୍ଯ୍ୟା, ଜୀବିକା, ପର୍ବପର୍ବାଣୀ, ସମାଜ ଓ ସଂସ୍କୃତି କାହା ସହ ସମାନ ନଥାଏ । ଓଡ଼ିଶାର କୌଣସି କନ୍ଧ ଆଦିବାସୀର ଜୀବନ ଶୈଳୀ ଅନ୍ୟ କନ୍ଧ ଆଦିବାସୀର ଜୀବନ ଶୈଳୀରେ ନିଶ୍ଚିତ ଭାବେ ଭିନ୍ନତା ପରିଲକ୍ଷିତ ହୋଇଥାଏ । ଏମାନେ ସରଳ, ନିଷ୍କପଟ, ଶାନ୍ତ, ନିରାଡମ୍ବର ଭାବରେ ଜୀବନ ଅତିବାହିତ କରିଆସୁଛନ୍ତି । ବର୍ତ୍ତମାନ ଯୁଗରେ ବିଜ୍ଞାନର ଅଗ୍ରଗତି ଫଳରେ ଶିକ୍ଷା, ସ୍ୱାସ୍ଥ୍ୟର ସଚେତନତା ଯୋଗୁଁ ସାଧାରଣ ବର୍ଗର ଜନତା ଯେମିତି ଜୀବନ ଯାପନ କରୁଛନ୍ତି ଠିକ୍ ସେହି ପରି ଭାବେ ହିଁ ଆଧୁନିକ ଢଙ୍ଗରେ କନ୍ଧମାନେ ଜୀବନ ଯାପନ କରୁଥିବାର ପରିଲକ୍ଷିତ ହୁଏ । ଭାରତ ସ୍ୱାଧିନତାର ୭୭ ବର୍ଷ ଅତିକ୍ରମ କରିଯାଇଥିଲେ ମଧ କୋରାପୁଟ ଅଞ୍ଚଳର କନ୍ଧ ଜନଜାତି ନିଜର ସଂସ୍କୃତି ଓ ପରମ୍ପରାରୁ କେବେ ବି ବିଚ୍ୟୁତ ହୋଇନାହାନ୍ତି । ଯେକୌଣସି ଗ୍ରାମରେ ଅନ୍ୟ ଜନଜାତିର ଅଧିବାସୀ ଆଡ଼ମ୍ବର ପର୍ବପର୍ବାଣୀ ପାଳନ କରୁଥିଲେ ମଧ କନ୍ଧ ଆଦିବାସୀ ତାକୁ ଉପଭୋଗ କରିଥାନ୍ତି, କିନ୍ତୁ ଆପଣାର କରିନଥାନ୍ତି । ବହୁବର୍ଷରୁ କନ୍ଧମାନେ ପରିଧାନ କରୁଥିବା ବେଶପୋଷାକ, ଚାଷବାସରେ ବ୍ୟବହାର କରୁଥିବା ସମସ୍ତ ଯନ୍ତ୍ରପାତି ପୁରୁଣା ପାରମ୍ପାରିକ ଥିଲା ବର୍ତ୍ତମାନ ମଧ ସେହି ଯନ୍ତ୍ରପାତି ବ୍ୟବହାର କରୁଛନ୍ତି । ବର୍ତ୍ତମାନ ସମୟରେ ବିଜ୍ଞାନର ଅଗ୍ରଗତି ଫଳରେ ସମସ୍ତ ବ୍ୟବହାର୍ଯ୍ୟ ଜିନିଷର ନୂଆଁ ନୂଆଁ ଉତ୍ପତ୍ତି ହେତୁ କନ୍ଧ ସମ୍ପ୍ରଦାୟ ପୁରୁଣା ଓ ଆଧୁନିକ ପ୍ରଣାଳୀକୁ ମଧ ବ୍ୟବହାର କରୁଛନ୍ତି ।(୧)

ଆଦିବାସୀ ଲୋକସାହିତ୍ୟ, ଆଦିବାସୀମାନଙ୍କ ଜୀବନଚର୍ଯ୍ୟା ଓ ସଂସ୍କୃତିର ଗନ୍ତାଘର । ଏହି ଆଦିବାସୀଙ୍କ କଥିତ ସାହିତ୍ୟ ବା ଭାଷାରୁ ସେମାନଙ୍କ ସାମାଜିକ ଚଳଣି, ବିବାହ, ପର୍ବପର୍ବାଣୀ, ଧର୍ମ ବିଶ୍ୱାସ ଆଦି ବିଭିନ୍ନ ବିଷୟରେ ଅନେକ ତଥ୍ୟ ମିଳିଥାଏ । କନ୍ଧ ଆଦିବାସୀଙ୍କ ଜୀବନ ନିର୍ବାହ କରିବା ବଡ କଷ୍ଟକର ବ୍ୟାପାର ହୋଇପଡ଼ିଛି । କିନ୍ତୁ ସାଂପ୍ରତିକ ସମୟରେ ଯୁଗ ବଦଳିବା ସଙ୍ଗେସଙ୍ଗେ ଅନ୍ୟ ଜନସାଧାରଣଙ୍କ ଜୀବନଧାରଣ ବଦଳିବା ସହିତ ତାଙ୍କୁ ଅନୁକରଣ କରିବା ଫଳରେ କନ୍ଧ ଆଦିବାସୀଙ୍କ ଜୀବନଚର୍ଯ୍ୟାରେ କିଛି କିଛି ପରିବର୍ତ୍ତନ ହେଉଥିବାର ପରିଲକ୍ଷିତ ହେଉଛି । କନ୍ଧ ଆଦିବାସୀ ପୂର୍ବରୁ ଯେମିତି ଜଙ୍ଗଲ ଉପରେ ନିର୍ଭର କରୁଥିଲେ ମଧ୍ୟ ବର୍ତ୍ତମାନ ଖୁବ୍ କମ୍ ସଂଖ୍ୟକ କନ୍ଧ ଆଦିବାସୀ ଜଙ୍ଗଲ ଦ୍ରବ୍ୟ ଉପରେ ନିର୍ଭର କରୁଛନ୍ତି । ଏହି କୋରାପୁଟ ଅଞ୍ଚଳରେ ଖଣିଜ ଓ ଜଙ୍ଗଲଜାତ ଦ୍ରବ୍ୟ ଭରପୁର ରହିଛି । ଏହିସବୁ ଦ୍ରବ୍ୟ ରହିବା ଫଳରେ କୋରାପୁଟ ଅଞ୍ଚଳରେ ଛୋଟବଡ ଶିଳ୍ପକାରଖାନା ଓ ମାଇନ୍ସ ହେବାରୁ ଅନେକ ଜଙ୍ଗଲ ନଷ୍ଟ ହେଉଛି । ଯାହାଫଳରେ ଲୋକମାନେ ବର୍ତ୍ତମାନ ଚାଷକାର୍ଯ୍ୟକୁ ଛାଡ଼ି କାରଖାନାର ଛୋଟବଡ କାମକରି ନିଜର ପେଟପାଟଣା କରିଆସୁଛନ୍ତି । ଏହି ହେତୁ କନ୍ଧ ଆଦିବାସୀ ହେଉ ବା ଅନ୍ୟ କୌଣସି ଅଧିବାସୀ ହୁଅନ୍ତୁ ସଭ୍ୟତାର ଦୃତ ପରିବର୍ତ୍ତନ ଫଳରେ ସେମାନଙ୍କର ଜୀବନ ଜୀବିକାରେ ବହୁ ମାତ୍ରାରେ ପରିବର୍ତ୍ତନ ହେଉଥିବାର ପରିଲକ୍ଷିତ ହେଉଛି । କନ୍ଧ ସାଧାରଣତଃ କୃଷି ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ହିଁ ନିର୍ଭର କରିଥାନ୍ତି । ଆଦିମ କାଳରେ ଯେତେବେଳେ କନ୍ଧ ଆଦିବାସୀ କେବଳ ଜଙ୍ଗଲକୁ ହିଁ ଭରସା କରୁଥିଲା, ପ୍ରକୃତି କୋଳରେ ଜନ୍ମ ଲାଭ କରି ପ୍ରକୃତିର ଫଳମୂଳ ଖାଇ, ଜଙ୍ଗଲର ପଶୁ ପକ୍ଷୀଙ୍କୁ ଶିକାର କରି ଖୁସିରେ ଜୀବନ ଅତିବାହିତ କରି ଆସୁଥିଲା । ସାଂପ୍ରତିକ ସମୟରେ ଆଧୁନିକ ଯୁଗର ସଭ୍ୟଶିକ୍ଷିତ ସମାଜରେ ବାସ୍ତବରେ ମଣିଷର ଜୀବନଯାପନ କରିବାର ଶୈଳୀ ବିଶେଷ ପରିବର୍ତ୍ତନ ଆଡ଼କୁ ଗତି କରୁଥିବାର ପରିଲକ୍ଷିତ ହେଉଛି ।

## ଗବେଷଣାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ

୧. କନ୍ଧମାନଙ୍କ ପରିଚୟ ସମ୍ପର୍କରେ ଅବଗତ କରାଇବା;
୨. କନ୍ଧମାନଙ୍କର ଜୀବନ ଚର୍ଯ୍ୟାକୁ ଲୋକ ଲୋଚନକୁ ଆଣିବା ଓ ବୁଝିବା;
୩. ଏହିମାନଙ୍କର ସମାଜରେ ଥିବା ସାମାଜିକ ବିଧିବିଧାନକୁ ଲୋକଲୋଚନକୁ ଆଣିବାପାଇଁ ପ୍ରୟାସ;

## ଗବେଷଣା ପଦ୍ଧତି

ଉକ୍ତ ଗବେଷଣାର ପ୍ରସ୍ତୁତି ପାଇଁ ପ୍ରାଥମିକ ଓ ମାଧ୍ୟମିକ ପଦ୍ଧତି ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଇଛି। କୋରାପୁଟ ଜିଲ୍ଲାର ସମସ୍ତ ବ୍ଲକର କିଛି କିଛି ଅଞ୍ଚଳକୁ ଯାଇ ତାଙ୍କର ଜୀବନଚର୍ଯ୍ୟା ବିଷୟରେ ଅଲୋଚନା କରି ତଥ୍ୟ ସଂଗ୍ରହ କରାଯାଇଛି । ଗୋଟିଏ ସଂସ୍କୃତିର ବିକାଶ ସରଳରୁ ଜଟିଳ ଆଡ଼କୁ କ୍ରମଶଃ ଗତିଶୀଳ । ମାତ୍ର ଏହି ପରିବର୍ତ୍ତନ ଅତି ମନ୍ଥର । କନ୍ଧ ଜନଜାତିରେ ଯେଉଁ ସାଂସ୍କୃତିକ ବ୍ୟବସ୍ଥା ତାଙ୍କ ସାମାଜିକ ଧାରା ଭିତରୁ ଫୁଟି ଉଠିଛି ତାହା ଉପସ୍ଥାପନ କରିବା ଦ୍ୱାରା କନ୍ଧ ଆଦିବାସୀ ଜୀବନଚର୍ଯ୍ୟାର ମହକ ଆମକୁ କିଛି ଅଜଣା ବାର୍ତ୍ତା ପ୍ରଦାନ କରିବ ।(୨)

## ଜୀବନଚର୍ଯ୍ୟା

**(କ) ଆଭୂଷଣ:** ସଭ୍ୟତାର ଆରମ୍ଭ ସମୟରୁ ପ୍ରକୃତିକୁ ଦେଖି ଜନଜାତି ମଣିଷ ମୁଗ୍ଧ ହୋଇଥିଲା । ଫୁଟନ୍ତା ଫୁଲର ରଙ୍ଗ, ସୁରଭିରେ ମୁଗ୍ଧ ହୋଇ ଫୁଲ ମଣ୍ଡିତ ଲତାର ସୌନ୍ଦର୍ଯ୍ୟ ଓ ମହକରେ ତା' ମନ ଭିତରେ ଥିବା ସୌନ୍ଦର୍ଯ୍ୟ ଚେତନା ଯେମିତି ଉଜ୍ଜିବୀତ କରିଥିଲା, ଫଳରେ ସେମାନେ ଶିଖିଲେ ନିଜକୁ ସଜାଇ ହେବାର କଳା କୌଶଳ । ନିଜର ମୁଗ୍ଧ କେଶରରେ ସାଜସଜ୍ଜାପାଇଁ ସେମାନେ କେତେ ଯତ୍ନ ନକରିଥିଲେ ତାହା ସେମାନଙ୍କୁ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ବିଭିନ୍ନ ପକ୍ଷୀମାନଙ୍କ ରଙ୍ଗମୟ ପର, ଫୁଲମାଳକୁ ସେମାନେ ମୁଣ୍ଡରେ ପ୍ରଥମେ ମଣ୍ଡିତ କରିଥିଲେ । ତା' ପରେପରେ ସେମାନେ ଉଜ୍ଜ୍ୱଳ ଧାତୁ ତିଆରି ଅଳଙ୍କାର ବ୍ୟବହାର କଲେ । କନ୍ଧ ସମ୍ପ୍ରଦାୟରେ ଅଳଙ୍କାର ପ୍ରତି ଉଭୟ ନାରୀ ଓ ପୁରୁଷଙ୍କ ନିକଟରେ ଯେଉଁ ସହଜାତ ଆଗ୍ରହ ଅନ୍ତରରେ ଅନ୍ତର୍ନିହିତ ଥିଲା । ସେହି ଆଗ୍ରହ ହିଁ ନିଜକୁ ସଜାଇ ସୁନ୍ଦର ଦେଖାଯିବାପାଇଁ ପ୍ରେରିତ କରିଥିଲା । ଫଳରେ ସେମାନେ ପ୍ରକୃତିରୁ ମିଳୁଥିବା ରଙ୍ଗ ବେରଙ୍ଗର ପଥର, ପଶୁପକ୍ଷୀ ମାନଙ୍କର ହାଡ, ଭାଲୁଦାନ୍ତ, ବିଭିନ୍ନ ପକ୍ଷୀଙ୍କ ପର, ଶାମୁକା, ବିଭିନ୍ନ ରଙ୍ଗର କୋଳି ମଞ୍ଜିକୁ ପ୍ରାଥମିକ ଭାବେ ଅଳଙ୍କାର ରୂପେ ବ୍ୟବହୃତ କରୁଥିଲେ ।(୩)

### (ଖ) ବସ୍ତ୍ର

କନ୍ଧ ଜନଜାତିଙ୍କ ବସ୍ତ୍ର ତାଙ୍କ ସଂସ୍କୃତିର ଅନନ୍ୟ ପରିଚୟ । ଏହି ସଂସ୍କୃତିକୁ ନେଇ ପ୍ରାଚୀନ ସମୟରୁ ଆଜି ପର୍ଯ୍ୟନ୍ତ କନ୍ଧ ଆଦିବାସୀଙ୍କୁ ଦୁନିଆ ମନେ ରଖିଛି । ପ୍ରାଚୀନ କାଳରେ ଅନ୍ୟ ଜାତିର ଜନଜାତି ହେଉକି କନ୍ଧ ଜନଜାତି ବଣର ବକଳକୁ ପରିଧାନ କରି ନିଜର ଲଜ୍ଜାକୁ ଲୁଚାଇବା ପାଇଁ ବ୍ୟବହାର କରୁଥିଲେ । କିନ୍ତୁ ସାଂପ୍ରତିକ ସମୟରେ ଗଛର ପତ୍ର, ବକଳକୁ ପରିତ୍ୟାଗ କରି ଆଧୁନିକ ଯୁଗର ବସ୍ତ୍ରକୁ ପରିଧାନ କରୁଛନ୍ତି । କିନ୍ତୁ ସାଂପ୍ରତିକ ସମୟରେ ମଧ୍ୟ କିଛି ବୃଦ୍ଧମାନେ ପୂର୍ବରୁ ଯେଉଁ ସବୁ ପୋଷାକ ପରିଧାନ କରୁଥିଲେ ଅବିକଳ ସେମିତି ପ୍ରକାରର ପୋଷାକକୁ ହିଁ ବ୍ୟବହାର କରୁଛନ୍ତି । ଆଧୁନିକ ଯୁଗର ପୋଷାକ ମଧ୍ୟରେ ସାର୍ଟ, ପ୍ୟାଣ୍ଟ, ଟି-ସାର୍ଟ, ବ୍ଲାଉଜ, ହାପପ୍ୟାଣ୍ଟ, ସଲ୍ୱାର, ଶାଢୀ, ଲୁଙ୍ଗି, ଚୁଡିଦାର, ନାଇଟି ଆଦି ଅନେକ ପୋଷାକ ଉଭୟ ନାରୀ ଓ ପୁରୁଷମାନେ ପିନ୍ଧୁ ଥିଲେ ମଧ୍ୟ ଏହି କନ୍ଧ ଆଦିବାସୀ ତାଙ୍କର ପର୍ବ ପର୍ବାଣିଗୁଡ଼ିକରେ ହିଁ ତାଙ୍କର ପାରମ୍ପରିକ ପୋଷାକ ପରିଧାନ କରି ନୃତ୍ୟ ପରିବେଷଣ କରୁଥିବାର ଦୃଷ୍ଟିଗୋଚର ହୋଇଥାଏ । ଅନ୍ୟ ଦିନ ଗୁଡ଼ିକରେ ଏମାନେ ପାରମ୍ପାରିକ ପୋଷାକ ପିନ୍ଧିଥାନ୍ତି । କୋରାପୁଟ ଜିଲ୍ଲାର କନ୍ଧ ଆଦିବାସୀ ପୁରୁଷ ଶରୀର ଲଜ୍ଜା ନିବାରଣପାଇଁ ଅଣ୍ଟା ତଳକୁ ସିଲ୍ଲା ଓ ଲେଙ୍ଗୁଟି ପିନ୍ଧୁଥିବା ବେଳେ, ନାରୀମାନେ ଅଣ୍ଟାର ତଳକୁ ଗୋଟିଏ ସାନ ଗାମୁଛା ସହ ଖୋଦି ପ୍ରକୃତିର ଲୁଗାକୁ କାନ୍ଧରେ ଗୁଡାଇ ହେଉଥିଲେ ଏବଂ ଅନ୍ୟ ପ୍ରକାରରେ ନାରୀମାନେ ନିଜର ଖଦି ଓ ଲୁଙ୍ଗିକୁ କାନ୍ଧର ଗୋଟିଏ ପଟେ ଗଣ୍ଠି ବାନ୍ଧି ପିନ୍ଧୁଥିଲେ । ଅତୀତର ଅନ୍ୟ ଜନଜାତିଙ୍କ ପରି କନ୍ଧ ଜନଜାତି ମଧ୍ୟ ଶିଆଳି ପତ୍ର (କୁଇ ଭାଷାରେ ପାଇରି ଆକା)କୁ ପୋଷାକ ଭାବେ ପରିଧାନ କରୁଥିଲେ । କନ୍ଧ ଜନଜାତିରେ ଉଭୟ ନାରୀ ଓ ପୁରୁଷ ଲମ୍ବାକେଶ ରଖି ଜୁଡା ବାନ୍ଧୁଥିଲେ । କନ୍ଧ ଜନଜାତିରେ

ଯେଉଁ ମହିଳା ବା ନାରୀର ଲଣ୍ଡା କେଶ ନଥାଏ, ତାକୁ ପୁରୁଷ ସହିତ ସମକକ୍ଷ ବୋଲି ବିବେଚନା କରୁଥିଲେ । ଏହି ଆଧୁନିକ ସଭ୍ୟତାର ପ୍ରାବଲ୍ୟରେ ଧିରେଧିରେ କନ୍ଧଆଦିବାସୀ ବର୍ଗର ଲୋକ ମାନେ ବେଶଭୂଷାକୁ ଦୂରେଇ ଦେବା ସହ ନୂତନତାକୁ ଆପଣାଇ ନେଉଥିବାରୁ ଭବିଷ୍ୟତପାଇଁ କିଛି ମଧ୍ୟ ସ୍ମାରକୀ ରଖିବାପାଇଁ ଚେଷ୍ଟିତ ନାହାନ୍ତି ।(୪)

## (ଗ) ଅଳଙ୍କାର

ଓଡ଼ିଶାର କନ୍ଧ ଜନଜାତିମାନଙ୍କ ଅଳଙ୍କାର ଅନ୍ୟ ପୁରୁଷ/ନାରୀ ଓଡ଼ିଶାର ଅନ୍ୟ ଜନଜାତିଙ୍କ ମଧ୍ୟରେ ଥିବା ସବୁ ବର୍ଗର ଆଦିବାସୀମାନଙ୍କଠାରୁ ଭିନ୍ନ । କନ୍ଧମାନଙ୍କ ଅଳଙ୍କାର ଗଠନଶୈଳୀ ଓ କାରୁକାର୍ଯ୍ୟପାଇଁ ଅତ୍ୟନ୍ତ ଆକର୍ଷିତ କରିଥାଏ । ପ୍ରାଚୀନ କାଳରେ କନ୍ଧ ଆଦିବାସୀ ପ୍ରାୟତଃ ନିଜସ୍ୱ ହସ୍ତରେ ଅଳଙ୍କାର ପ୍ରସ୍ତୁତ କରୁଥିଲେ । ବର୍ତ୍ତମାନ ଯୁଗରେ ଅତ୍ୟାଧୁନିକତାର ଜ୍ଞାନ କୌଶଳ ବଳରେ ଅନେକ ଭିନ୍ନ ଭିନ୍ନ ପ୍ରକାର ଅଳଙ୍କାର ଏବଂ ବହୁ କନ୍ଧ ଜନସାଧାରଣ ସେହି ଆଧୁନିକ ଯୁଗର ଅଳଙ୍କାରକୁ ହିଁ ବ୍ୟବହାର କରୁଥିବାର ଦେଖାଯାଏ । କନ୍ଧ ମହିଳା ପ୍ରାଚୀନ କାଳରେ ପିତଳ ଓ ସୁନାର

ଦୁଇଟି ଲେଖାଁଏ କାନ ଉପରେ ଫାସିଆ ଓ ଜାମ୍ଫିଲି (ନାଙ୍ଗୁ, ଗୁଣ୍ଡୁ) ନାମକ ଅଳଙ୍କାର ପରିଧାନ କରିଥାନ୍ତି, ମହିଳା ନାକ ମଝିରେ ମୁଟେଲି, ନାକ ଦୁଇ ପଟେ ମୁର୍କା (ଜାମ୍ଫିଲି) ପିନ୍ଧି ଥାନ୍ତି । ବେକରେ ରୂପାର କିମ୍ବା ରସର ଘାଗୁଡି, ଡୁଷା, କଳାମାଳି, ପୁସା, ଆଦିଲି ଆଦି ପରିଧାନ କରୁଥିବା ସହ ମୁଣ୍ଡର ଖୋଷା ସୌନ୍ଦର୍ଯ୍ୟ ନିମିତ୍ତ ଡେଣା, କଣ୍ଡା ଡେଣା, ତିମଣା, ଦେଉଡୁ ଡେଣା (ଫୁଲ ଆକାରର ଗୋଟିଏ ଅଳଙ୍କାର)ଆଦି ବ୍ୟବହାର କରିବାର ଦେଖିବାକୁ ମିଳେ । ଗଡ଼ର ଆଙ୍ଗୁଠିରେ ପିନ୍ଧୁଥିବା ଅଳଙ୍କାର ମଧ୍ୟରେ – ଟିକି ମୁଦି, ଆନ୍ଦୁ ପରି ଅନେକ ଅଳଙ୍କାର ସାଧାରଣତଃ ତମ୍ବା କିମ୍ବା ରସ ଧାତୁରୁ ପ୍ରସ୍ତୁତ ଅଳଙ୍କାର ପାଦରେ ପିନ୍ଧୁଥିଲେ । କନ୍ଧ ନାରୀ ବେକରେ ରୂପା କିମ୍ବା ରସରେ ପ୍ରସ୍ତୁତ ଘାଗୁଡ଼ି, ଡୁସା, ପୁସା, ଆଦିଲି ବା ଲୋକେଟ (ଏହି ସବୁ ଅଳଙ୍କାର ବିଶିଷ୍ଟ) ଓ କାଠରେ ପ୍ରସ୍ତୁତ କାଠମାଳି ଏବଂ କଳାମାଳି ଆଦି ପିନ୍ଧୁ ଥିବାର ଦେଖିବାକୁ ପାଇବା । ସାଂପ୍ରତିକ ଯୁଗରେ ସେହି ସବୁ ପୁରୁଣା ଅଳଙ୍କାରକୁ ପରିତ୍ୟାଗ କରି ବିଭିନ୍ନ ହାଟ ବଜାରରେ ମିଳୁଥିବା ଅଳଙ୍କାରକୁ ପିନ୍ଧୁଥିବାର ଦେଖାବାକୁ ମିଳେ ଏବଂ ତାର ଚାହିଦା ମଧ୍ୟ ବର୍ତ୍ତମାନ ଯୁଗରେ ଉଭୟ ନାରୀ ଓ ପୁରୁଷଙ୍କୁ ଆଗ୍ରହ ସୃଷ୍ଟି ହୋଇଛି । କନ୍ଧ ଆଦିବାସୀମାନଙ୍କ ଅଳଙ୍କାର କେଉଁ ଧାତୁରେ ପ୍ରସ୍ତୁତ ଓ ସେମାନେ ଏହି ସବୁ ଅଳଙ୍କାରକୁ କେଉଁ ଅଙ୍ଗରେ ପରିଧାନ କରୁଛନ୍ତି ତାହାକୁ ନିମ୍ନ ସାରଣୀରେ ଦିଅ ଯାଇଛି ।(୫)

| କ୍ରମିକ ନଂ | କେଉଁଅଙ୍ଗରେ ପରିଧାନ | ଅଳଙ୍କାରର ନାମ | କେଉଁ ଧାତୁ |
|---|---|---|---|
| ୧ | ମୁଣ୍ଡ କୋଷା | ଡେଣା,କଣ୍ଡାଡେଣା,ଦେଉଡୁ ଡେଣା,ତିମଣା(ଅଳଙ୍କାର ବିଶିଷ୍ଟ ) | ରୂପା |
| ୨ | କାନ | ପାସିଆ, ଜାମ୍ଫିଲି,ନାଙ୍ଗୁ, ଗୁଣ୍ଡୁ | ସୁନା, ତମ୍ବା, ରସ |
| ୩ | ନାକ | ମୁଟେଲି, ମୁର୍କା, ଜାମ୍ଫିଲି | ସୁନା, ତମ୍ବା |
| ୪ | ବେକ | ଘାଗୁଡ଼ି, କଳାମାଳି, କାଠମାଳି, ପୁସା, ଆଦିଲି (ଲକେଟ/ବ୍ରେସଲେଟ) | ରୂପା, ରସ, ତମ୍ବା |
| ୫ | ଗଡ/ପାଦ/ଆଙ୍ଗୁଠି | ଆନ୍ଧୁ, ଟିକିମୁନ୍ଦି, ଗଗଲା | ତମ୍ବା, ରସ, ରୂପା |
| ୬ | ହାତ/ଆଙ୍ଗୁଠି | ରୂପାଖଡୁ, ମୁନ୍ଦି | ରୂପା, ତମ୍ବା, ରସ |

## (ଚ) ଗ୍ରାମ୍ୟସମାଜ

**କନ୍ଧ ଆଦିବାସୀଙ୍କ ସାମାଜିକ ଜୀବନ :**

କନ୍ଧ ଆଦିବାସୀମାନେ ଅନ୍ୟ ଜନଜାତି ପରମ୍ପରା ଓ ଚଳଣି ଠାରୁ ଦୂରେଇ ରହି ନିଜ ସଂସ୍କୃତି ଓ ପରମ୍ପରାରେ ରହି ମଧ୍ୟ ନିଜର ସାମାଜିକ ସଂଗଠନକୁ ସୁଦୃଢ କରୁଛନ୍ତି । କନ୍ଧ ଆଦିବାସୀ ଜନବସତିଗୁଡ଼ିକ ସାଧାରଣତଃ ନିପଟ ଜଙ୍ଗଲ, ପଲ୍ଲୀରେ ବାସ କରି ନିଜ ସମାଜକୁ ଉଚ୍ଚ ସ୍ଥାନ ଦେଲେ ମଧ୍ୟ କିଛି କନ୍ଧ ଆଦିବାସୀ ନିଜ ପରମ୍ପରାକୁ ଦୃଷ୍ଟି ଦେଉନାହାନ୍ତି । କନ୍ଧ ଗ୍ରାମ୍ୟ ପରମ୍ପରା ଗ୍ରାମ୍ୟାଧିପତି ବା ମୁଖ୍ୟ ବ୍ୟକ୍ତିଙ୍କୁ ପୂର୍ବରୁ ସମ୍ମାନ ଦେଉଥିଲେ ବର୍ତ୍ତମାନ ତାହା ପରିବର୍ତ୍ତନ ଆଡକୁ ଯାଉଥିବାର ପରିଲକ୍ଷିତ ହେଉଛି । କନ୍ଧ ଆଦିବାସୀ ବିଭିନ୍ନ ଗୋଷ୍ଠୀ ଓ ଶ୍ରେଣୀରେ ବିଭକ୍ତ ହୋଇ ରହିଲେ ମଧ୍ୟ ତାଙ୍କ ସୁଦୃଢ ପରମ୍ପରା ବଜାଇ ରଖି ଜୀବନ ଯାପନ କରିବା ସହ ଏକ ଭାଷା, ଏକ ପରମ୍ପରାକୁ ଆଦରିନେଇ ଜୀବନ ଅତିବାହିତ କରନ୍ତି । ସେମାନେ ନିଜ ବଂଶ ବା ଗୋତ୍ର ବ୍ୟତୀତ ଅନ୍ୟ ଗୋତ୍ର ସହିତ ବୈବାହିକ ସମ୍ପର୍କ ରଖୁଥିଲେ ମଧ୍ୟ ସମ ଗୋତ୍ର ବିବାହର ସଂପୂର୍ଣ୍ଣ ରୂପେ ନିଷେଧ ଥିଲା । ଯାହା ଆଦିବାସୀଙ୍କ ପରମ୍ପରାର ଆଦର୍ଶ ଥିଲା ।

### (୧) କନ୍ଧ ଜନଜାତିଙ୍କ ସାମାଜିକ ଅନୁଷ୍ଠାନ(କୁଟୁମ୍ବ )

କନ୍ଧ ଆଦିବାସୀମାନେ ତାଙ୍କର ସାମାଜିକ ଜୀବନରେ କୁଟୁମ୍ବ ବା ଅନୁଷ୍ଠାନକୁ ବହୁତ ଗୁରୁତ୍ୱ ଦେଇଥାନ୍ତି । ଏହି ଅନୁଷ୍ଠାନ ଗ୍ରାମର ଜନସାଧାରଣ ଓ ଗ୍ରାମର ମୁଖିଆ ସମୂହର ଆଧାର । ସାଧାରଣତଃ କହିବାକୁ ଗଲେ ଏହି ଅନୁଷ୍ଠାନଗୁଡ଼ିକ ତାଙ୍କର ମୌଳିକ ଆବଶ୍ୟକତା ପୂରଣ କରିବାପାଇଁ ସମର୍ଥ । ସାମାଜିକ ଅନୁଷ୍ଠାନ କହିଲେ ମୋଟାମୋଟି ଭାବେ; ଯାହା ମାଧ୍ୟମରେ ଗ୍ରାମର ଜନସାଧାରଣ ପ୍ରଚଳିତ ରୀତିନୀତି ଅନୁଯାୟୀ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରାଯାଇଥାଏ । ଏହି ଅନୁଷ୍ଠାର ବିଶେଷ ଲକ୍ଷଣମାନ ହେଲା:

(କ ) ଏହା ବଂଶାନୁକ୍ରମିକ ଭାବେ ପ୍ରଚଳିତ ।

(ଖ) ଏହା ସମୂହ ଗୋଷ୍ଠୀଙ୍କ ସଂପର୍କକୁ ସୁଦୃଢ କରେ ।

(ଗ) ଆଚରଣ ବିଧିମାନ ନିହିତ ରହିଥାଏ ।

(ଘ) ପରମ୍ପରା ସଂସ୍କୃତି, ରୀତିନୀତିକୁକୁ ଆଧାରକରି କାର୍ଯ୍ୟ କରାଯାଇଥାଏ ।

### (୨) କନ୍ଧ ଜନଜାତିଙ୍କ ପରିବାର

ସାମାଜିକ ଅନୁଷ୍ଠାନର ମୂଳ ହେଉଛି ପରିବାର । କନ୍ଧ ସମାଜରେ ପରିବାରକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । କନ୍ଧ ପରିବାରରେ ଯୌଥ ପରିବାର ବ୍ୟବସ୍ଥା ରହିଛି । କନ୍ଧ ମାନଙ୍କ ପରିବାରର ମୁଖ୍ୟ କହିଲେ ଘରର ସବୁଠାରୁ ବୟୋଜ୍ୟୋଷ୍ଠ ବା ପିତାଙ୍କୁ ମାନିଥାନ୍ତି । ତାଙ୍କର ନିର୍ଦ୍ଦେଶ ଅନୁଯାୟୀ ଘରର ସମସ୍ତ କାର୍ଯ୍ୟ ନିର୍ବାହ କରାଯାଇଥାଏ । ଯେଉଁ ପରିବାରର କି ସ୍ୱାମୀ, ସ୍ତ୍ରୀ, ପିଲାଛୁଆକୁ ନେଇ ପରିବାର ପ୍ରତିପୋଷଣ କରି ଗଢି ଉଠିଥାଏ । କନ୍ଧ ଜନଜାତି ସମାଜରେ ପୂର୍ବରୁ ଅର୍ଥାତ ପୂର୍ବପୁରୁଷଙ୍କ ସମୟରେ ବହୁପତ୍ନୀ ପ୍ରଚଳନ ବ୍ୟବସ୍ଥା ରହିଥିଲା । କନ୍ଧ ସମାଜରେ ଗୋଟିଏ ପୁରୁଷ ବହୁ ପତ୍ନୀ ତଥା ୭ -୮ ସ୍ତ୍ରୀକୁ ବିବାହ କରିପାରୁଥିଲେ, କିନ୍ତୁ ଗୋଟିଏ ସ୍ତ୍ରୀ ଜଣକୁ ହିଁ ବିବାହ କରିପାରୁଥିଲା । ଏହି ସବୁ ବ୍ୟବସ୍ଥାପାଇଁ କନ୍ଧ ସମାଜରେ ସ୍ୱୀକୃତି ରହିଥିଲା, କିନ୍ତୁ ସାଂପ୍ରତିକ ସମୟରେ କନ୍ଧ ସମାଜରେ ଗୋଟିଏ ପତ୍ନୀ ଗ୍ରହଣର ବ୍ୟବସ୍ଥାରେ ପରିବର୍ତ୍ତନ ରୂପରେଖ ବଦଳି ଯାଇଛି । ଯେତେବେଳେ କନ୍ଧ ପରିବାରରେ ଗୋଟିଏ ଛୁଆ ଜନ୍ମ ହୁଏ, ସାନରୁ ବଡ ହୁଏ, ସେହି ନୀତିନିୟମକୁ ଗ୍ରହଣ କରିଥାଏ, ତା ପରେପରେ ପରିବାରର ସାମାଜିକ ଅନୁଷ୍ଠାନକୁ ଆଦରି ନିଏ । ପରିବାରର ମୁଖ୍ୟଙ୍କ କାର୍ଯ୍ୟ କହିଲେ ବାସ କରିବା ପାଇଁ ଗୃହ ପ୍ରତିଷ୍ଠା କରିବା, ପତି-ପତ୍ନୀ ନିର୍ବାଚନ ବିବାହ ତଥା ପତି-ପତ୍ନୀ ସମ୍ପର୍କରେ ମୌଳିକ ସର୍ତ୍ତ ପୂରଣ କରିବା, ନବଜାତ ଶିଶୁର ନାମକରଣ, ମୃତ୍ୟୁ କ୍ରିୟା ଓ ସାମାଜିକ କର୍ମାଣି ଓ  ପରିବାରର ଜନ୍ମିତ ପିଲା ଛୁଆକୁ ଉଚିତ ଶିକ୍ଷା ଦେବା ପରିବାର ମୁଖିଆଙ୍କ ପ୍ରମୁଖ କାର୍ଯ୍ୟ ।(୬)

### (୩) କନ୍ଧ ଜନଜାତିଙ୍କ ଗ୍ରାମ୍ୟ ବ୍ୟବସ୍ଥା

କନ୍ଧ ଜନଜାତିଙ୍କ ଜନବସତି ପ୍ରାୟତଃ ବଣ ଜଙ୍ଗଲ ଆଚ୍ଛାଦିତ ଆଞ୍ଚଳ, ବଣ-ପାହାଡ଼, ନାଳ ଓ ଝରଣା ନିକଟରେ ସେମାନଙ୍କ ଗୃହ ନିର୍ମାଣ କରି ରହିଥାନ୍ତି । କୋରାପୁଟ ଜିଲ୍ଲା ସବୁଜ ବଣ ପାହାଡ଼ରେ ଅବସ୍ଥିତ ଥିବା ଯୋଗୁଁ ସାଧାରଣତଃ କନ୍ଧ ଆଦିବାସୀଙ୍କ ଗୃହ ବା ଗ୍ରାମଗୁଡ଼ିକର ରାସ୍ତାସବୁ ଉଠାଣି ଓ ଗଡ଼ାଣି ହୋଇ ରହିଥାଏ । ଯେଉଁ ଅଞ୍ଚଳଗୁଡ଼ିକରେ ଯୋଗାଯୋଗ ଓ ସଡ଼କର ବ୍ୟବସ୍ଥା ଠାରୁପ୍ରାୟତଃ ବଞ୍ଚିତ ହେଉଛନ୍ତି । ସେହି ପରି ଅଞ୍ଚଳଗୁଡିକରେ ପ୍ରାୟତଃ ଜୀବଜନ୍ତୁ ମଧ ଗ୍ରାମରେ ପଶି ଯାଇଥାନ୍ତି । ପ୍ରତ୍ୟେକ କନ୍ଧ ଆଦିବାସୀଙ୍କ ଗ୍ରାମରେ 'ଗ୍ରାମଦେବୀ' (କୁଇ ଭାଷାରେ ଗୁମ୍ବାୱାଲି) ଗୁମ୍ବା ପେନୁ ଗ୍ରାମର ଉପର ମୁଣ୍ଡରେ ଆସ୍ଥାନ ପାଇଥାଏ ଏବଂ ଗ୍ରାମର ଦୁଇ ସାହିର ମଝିରେ ଗୋଟିଏ ବେରେନ ମୁଣ୍ଡା ରହିଥାଏ । ଯେଉଁଠି କି ସମସ୍ତ ନ୍ୟାୟନୀତି, ବିଚାର, ଆଲୋଚନା କରି ସମାଧାନ ସେଇଠି ହିଁ ସର୍ବସମ୍ମତିଙ୍କ କ୍ରମେ ଆଲୋଚନା କରାଯାଇଥାଏ । ସାଧାରଣତଃ କନ୍ଧ ଆଦିବାସୀଙ୍କ ଅଦାଲତ କହିଲେ ବେରେନ ମୁଣ୍ଡାକୁ ହିଁ ଅଦାଲତ ବୋଲି ମାନିଥାନ୍ତି । ସେଠାରେ ଯାହା ନିଷ୍ପତି ନିଆଯାଏ ତାହା ମାନିନେବାକୁ ବାଧ୍ୟ । ସେହି ବେରେନ ମୁଣ୍ଡାଠାରେ ତିନୋଟି  ବଡ଼ ବଡ଼ ପତଳା ଆକାରର ପଥରକୁ ରଖାଯାଇଥାଏ । ସେଠାରେ ପଥର ତଳେ କନ୍ଧମାନଙ୍କ ସମସ୍ତ ଦେବାଦେବୀମାନେ ଆସିଥାନ୍ତି ବୋଲି ବିଶ୍ୱାସ କରନ୍ତି । ସେଠାରେ ପ୍ରତି ବର୍ଷ ପୂଜା ପର୍ବାଣିରେ ମଧ ପୂଜା କରାଯାଇଥାଏ।

ପ୍ରତ୍ୟେକ ଗ୍ରାମରେ ପ୍ରଶାସନିକର ବ୍ୟବସ୍ଥା ରହିଥାଏ । ଏହି ପ୍ରଶାସନିକ ସାଙ୍ଗଠନ ଚଳାଇବା ପାଇଁ ଗ୍ରାମର ମୁଖିଆ ଅର୍ଥାତ ସାଉଁନ୍ତା ଓ ଜାନୀ ରହିଥାନ୍ତି । ଏହିମାନେ ମୁଖ୍ୟତଃ ଗ୍ରାମର ବ୍ୟବସ୍ଥାକୁ ନିୟନ୍ତ୍ରଣ କରିଥାନ୍ତି । ଏହି ପାରମ୍ପରିକ ଗ୍ରାମ୍ୟ ପରିଷଦକୁ ଦୁଇ ଗୋଷ୍ଠୀ ଭାବରେ ଭାଗ ଭାଗ କରାଯାଇଥାଏ, ଯଥା ଜାନୀ ଗୋଷ୍ଠୀ ଓ ସାଉଁନ୍ତା ଗୋଷ୍ଠୀ । ଏହି ପାରମ୍ପରିକ ଗ୍ରାମ୍ୟ ବ୍ୟବସ୍ଥାକୁ ସୁଦୃଢ କରିଥାନ୍ତି ଦିଶାରୀ, ଗୁରୁମାଇଁ (ପାଟ ବେଜୁଣୀ /ମୁଖ୍ୟ ବେଜୁଣୀ) ବେଜୁଣୀ, ସାଉଁନ୍ତା, ଜାନୀ, ବାରିକ (ଡମ୍ବ ଜାତି/ ହରିଜନ ଜାତିର ଲୋକ ହିଁ ହୋଇଥିବେ) ଶୃଙ୍ଖଳା ଓ ରୀତିନୀତିକୁ ବଜାଇ ରଖିଥାନ୍ତି । ଗ୍ରାମରେ କୌଣସି ବିଚାର ଆଲୋଚନା ବା ମକଦମା ହୁଏ, ତେବେ ଦୁଇ ଗୋଷ୍ଠୀର ଅର୍ଥାତ ଜାନୀ ଓ ସାଉଁନ୍ତା ଗୋଷ୍ଠୀର ଉପସ୍ଥିତିରେ ମୌଖିକ ଆଇନ ଭାବରେ ପ୍ରଣୀତ ହୋଇଥାଏ । ଗ୍ରାମର ଯେଉଁ ମୁଖ୍ୟାମାନେ ଅର୍ଥାତ ଜାନୀ ଓ ସାଉଁନ୍ତା ବେରେନ ମାଣ୍ଡାରେ ସମସ୍ତ ଅସୁବିଧାର ସମାଧାନ କରିଥାନ୍ତି । କନ୍ଧ ଆଦିବାସୀଙ୍କ ବେରେନ ମାଣ୍ଡାଠାରେ ଯାହା ସମାଧାନ ହୋଇଥାଏ ସେଠାରେ କୌଣସି ଲିଖିତ ରୂପ ଦରକାର ପଡ଼ିନଥାଏ । କେବଳ ମୌଖିକ ଆଇନ ବଳରେ ତାହା ସମାଧାନ ହୋଇଥାଏ । ତେବେ କନ୍ଧ ଜନଜାତିର ଗ୍ରାମ୍ୟ ଜୀବନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି ଉଭୟ ଜାନୀ ଓ ସାଉଁନ୍ତା । କନ୍ଧ ଆଦିବାସୀ ଜାନୀ ଓ ସାଉଁନ୍ତାଙ୍କୁ ଗ୍ରାମର ସର୍ବଶ୍ରେଷ୍ଠ ପଦ ପ୍ରଦାନ କରିଥାନ୍ତି । ସେଥି ପାଇଁ  କନ୍ଧ ଗ୍ରାମର ସମସ୍ତେ ଜାନୀ ଓ ସାଉଁନ୍ତାଙ୍କୁ ଯଥେଷ୍ଟ ସମ୍ମାନ ରହିଥାଏ।(୭)

### (କ) ସାଉଁନ୍ତା

କୋରାପୁଟ ଜିଲ୍ଲାର ପ୍ରତ୍ୟେକ କନ୍ଧ ଆଦିବାସୀଙ୍କ ଗ୍ରାମରେ ପାରମ୍ପରିକ କ୍ରମେ କେଉଁ କାଳରୁ ଗ୍ରାମବାସ ତାଙ୍କର ମୁଖ୍ୟା ଚୟନ କରି ଆସିଛନ୍ତି । ଏହା ବହୁ ବର୍ଷରୁ ବଂଶାନୁକ୍ରମିକ ଭାବେ ହୋଇଥାନ୍ତି । ପ୍ରତ୍ୟେକ କନ୍ଧ ଜନଜାତିରେ ଏହି ମୁଖିଆଙ୍କୁ ସାଉଁନ୍ତା ବୋଲି କୁହାଯାଏ । ଏହି ସାଉଁନ୍ତା ପଦଟି ପାରମ୍ପରିକ କ୍ରମେ ବଂଶାନୁକ୍ରମିକ ଭାବେ ବାପା ପରେ ପୁଅ, ନାତି ଇତ୍ୟାଦିପାଇଁ ଉଦ୍ଦିଷ୍ଟ ହୋଇଥାଏ । କନ୍ଧ ଗ୍ରାମର କୌଣସି ଆଲୋଚନା ହେଲେ ପ୍ରଥମେ ସାଉଁନ୍ତାକୁ ଡାକପକା ଯାଇଥାଏ । ଗ୍ରାମର କୌଣସି ବିଚାର ଆଲୋଚନାରେ ସାଉଁନ୍ତାର ଉପସ୍ଥିତିରେ ହିଁ ଆଲୋଚନା କରାଯାଇଥାଏ । ସେଠାରେ ହିଁ ବିଚାର କରାଯାଇ ସର୍ବସମ୍ମତିଙ୍କ ଉପସ୍ଥିତିରେ ସାଉଁନ୍ତା ମୌଖିକ ଭାବରେ ବାର୍ତ୍ତା ପ୍ରଦାନ କହିଥାଏ ଓ ତାହାକୁ ସମସ୍ତେ ଗ୍ରହଣ କରିଥାନ୍ତି । କନ୍ଧ ଆଦିବାସୀ ଅଞ୍ଚଳ ଭେଦରେ ବିଭିନ୍ନ ପ୍ରକାର ଯଥା – କୁଟିଆ କନ୍ଧ ସମାଜର ମୁଖିଆଙ୍କୁ 'ମୁଠା', ଡ଼ଙ୍ଗରିଆ କନ୍ଧ ସମାଜର ମୁଖିଆଙ୍କୁ ଓ ଦେଶିଆ କନ୍ଧ ସମାଜର ମୁଖିଆଙ୍କୁ 'ସାଉଁନ୍ତା' ବୋଲି କୁହା ଯାଇଥାଏ । ସାଂପ୍ରତିକ ଯୁଗରେ ସରକାରଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରାଯାଉଥିଲେ ସତ୍ତ୍ୱେ ମଧ୍ୟ କନ୍ଧ ଜନଜାତିଙ୍କ ସମାଜର ପାରମ୍ପରିକ ରୀତିନୀତି, ସାମାଜିକ ନୀତିନିୟମ, ସଂସ୍କୃତିକ ପରମ୍ପରା ଧୀରେଧୀରେ ପରିବର୍ତ୍ତନ ଆଡ଼କୁ ଗତି କରୁଥିବାର ପରିଲକ୍ଷିତ ହେଉଛି ।(୮)

## (ଖ) ଜାନୀ

ଜାନୀ ହେଉଛି କନ୍ଧମାନଙ୍କ ପାରମ୍ପରିକ ନିର୍ବାଚିତ ମୁଖିଆ । କନ୍ଧ ସମାଜରେ ଜାନୀ ବଂଶାନୁକ୍ରମିକ ଭାବେ ଭାବରେ ନିର୍ବାଚିତ ହୋଇ ଜାନୀ ପଦବୀରେ ରହି ଗ୍ରାମର ବିଭିନ୍ନ ପୂଜାବିଧି କରିବା ସହ ବିଭିନ୍ନ ବିଚାର ବିଭାଗରେ ମୌଖିକ ବାର୍ତ୍ତା ପ୍ରଦାନ କରନ୍ତି । କନ୍ଧ ଜନଜାତିରେ ମିଳିତ ଭାବରେ ଉଭୟ ଜାନୀ ଓ ଦିଶାରୀ ବିଭିନ୍ନ ପୂଜାବିଧି ଗୁଡ଼ିକ କରିଥାନ୍ତି । ଯେହେତୁ ଜାନୀ ଗ୍ରାମର ମୁଖିଆ ହୋଇଥିବାରୁ ତାଙ୍କ ନିର୍ଦ୍ଦେଶରେ ବିଚାର ଓ ଦଣ୍ଡବିଧାନ କାର୍ଯ୍ୟ ମଧ୍ୟ ତାଙ୍କ ହାତରେ ଥାଏ । କନ୍ଧ ଗ୍ରାମରେ ପୂଜାପାଠ କରିବାଜାନୀର ମୁଖ୍ୟ କାମ । ପ୍ରତ୍ୟେକ କନ୍ଧ ଗ୍ରାମରେ ଜାନୀ ଧାର୍ମିକ କାର୍ଯ୍ୟର ମୁଖ୍ୟ ଭାବରେ ଦାୟିତ୍ୱ ତୁଲାଇଥାନ୍ତି ।(୯)

## (ଗ) ଦିଶାରୀ

କନ୍ଧ ଜନଜାତିର ପାରମ୍ପରିକ ଜ୍ୟୋତିଷ ଭୂମିକାରେ ଦିଶାରୀକୁ ଏକ ମହତ୍ୱ ପୂର୍ଣ୍ଣ ଭୂମିକା ଗ୍ରାମ ବସି ପ୍ରଦାନ କରିଥାନ୍ତି । କେବଳ ଜ୍ୟୋତିଷ କର୍ମ ଓ ଭିନ୍ନଭିନ୍ନ ପୂଜାବିଧିରେ ଦିଶାରୀକୁ ନିୟୋଜନ କରିଥାନ୍ତି । କନ୍ଧ ଆଦିବାସୀଙ୍କ ପ୍ରତ୍ୟେକଗ୍ରାମରେ ଦିଶାରୀ ରହିଥାନ୍ତି । ଏହି ସବୁ ଦିଶାରୀ ପଦବୀପାଇଁ କେଉଁ କେଉଁ ଅଞ୍ଚଳର ଗ୍ରାମରେ ବଂଶାନୁକ୍ରମ ଭାବେ ରହିଆସୁଥିବା ବେଳେ ଆଉ କେତେକ ଗ୍ରାମରେ ଏହାକୁ ଅନ୍ୟ ଗ୍ରାମରୁ ଦିଶାରୀକୁ ନିର୍ବାଚିତ କରି ଆଣିଥାନ୍ତି । ଏହି ସବୁ ଦିଶାରୀମାନଙ୍କ ଜ୍ୟୋତିଷ କାମ କରୁଥିବା ବେଳେ ଗୋଟିଏ ଦିଶାରୀର ଗ୍ରହ ନକ୍ଷେତ୍ର ସହ ଅନ୍ୟ ଦିଶାରୀର ଗ୍ରହ ନକ୍ଷେତ୍ର ମିଶିନଥାଏ ଓ ସମସ୍ତ ଦିଶାରୀଙ୍କ ଜନ୍ମଲଗ୍ନ ସବୁ ଭିନ୍ନଭିନ୍ନ ହୋଇଥାଏ । ଦିଶାରୀର ମୁଖ୍ୟ କାମ ହେଲା ନିର୍ଦ୍ଦିଷ୍ଟ ଲଗ୍ନ ବା ବେଳାରେ ପର୍ବପର୍ବାଣୀ ଓ ପୂଜାପାଠ କରିବା । ଏହି ପର୍ବପର୍ବାଣୀ ଗୁଡ଼ିକୁ ଉଚିତ ସମୟରେ କଲେ ଗ୍ରାମର ଜନଜୀବନ ଭଲ ରହିବା ସଙ୍ଗେ ସଙ୍ଗେ ଚାଷବାସ ମଧ୍ୟ ଭଲ ରହିବ ରହିଥାଏ । ଏହି ବିଶ୍ୱାସ କନ୍ଧ ସମାଜରେ ପ୍ରାଚୀନ କାଳରୁ ସାଂପ୍ରତିକ ପର୍ଯ୍ୟନ୍ତ ରହି ଆସିଛି ।(୧୦)

## (ଘ) ପାଟ ବେଜୁଣୀ

କନ୍ଧ ଜନଜାତିରେ ପାଟ ବେଜୁଣୀ ବା ଗୁରୁମାଇଁ ଅନ୍ୟ ବେଜୁଣୀଙ୍କ ମୁଖ୍ୟ । ଗୁରୁମାଇଁ ଅନ୍ୟ ବେଜୁଣୀମାନଙ୍କ ଅପେକ୍ଷା ଅଧିକ ପୂଜାବିଧି କରିବାର ଜ୍ଞାନ ରହିଥାଏ, ଯାହାକି ଅନ୍ୟ ବେଜୁଣୀ ପାଖରେ ନଥାଏ । ଏହି ପାଟବେଜୁଣୀକୁ କନ୍ଧ ଆଦିବାସୀ କୁଟୁମ୍ବ ସବୁ ବେଜୁଣୀ ମାନଙ୍କ ଭିତରୁ ଜଣକୁ ପାଟ ବେଜୁଣୀର ଦାୟିତ୍ୱ ଦେଇଥାନ୍ତି । ପାଟ ବେଜୁଣୀର ମୁଖ୍ୟ କାମ ହେଲା, ଡୁମା ଓ ଦେବାଦେବୀଙ୍କୁ ପୂଜା ଅର୍ଚ୍ଚନା କରିବା । ଏତଦ ଭିନ୍ନ ନାମକରଣ, ବିବାହ, ଦଶାହ କ୍ରିୟାରେ ଆଦି ଅନେକ କ୍ଷେତ୍ରରେ ବେଜୁଣୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । କନ୍ଧ ଆଦିବାସୀଙ୍କ ପରମ୍ପରାରେ କେଉଁ ଅନାଦି କାଳରୁ ବିଶ୍ୱାସ ଅଛି ଯେ ପାଟ ବେଜୁଣୀମାନେ ତାଙ୍କର ଡୁମା ଓ ଦେବାଦେବୀଙ୍କ ସହ କଥାବାର୍ତ୍ତା କରନ୍ତି । ଗ୍ରାମରେ ଯଦି କୌଣସି ବିପର୍ଯ୍ୟୟ ବା ରୋଗ ବ୍ୟାଧି ଆସିଲେ ଲୋକମାନେ ପାଟ ବେଜୁଣୀର ଶରଣ ପଶନ୍ତି ବା ସାହାରା ନିଅନ୍ତି । ପାଟବେଜୁଣୀ ନିଜର ମନ୍ତ୍ର ବଳରେ ଡୁମା ବା ଦେବାଦେବୀଙ୍କୁ ଡାକିଥାଏ ଏବଂ ସେଠାରେ ପାଟ ବେଜୁଣୀକୁ ରାତି ଅଧରୁ ତାଙ୍କ ଶରୀରରେ ଡୁମା ପ୍ରବେଶ କରିଥାନ୍ତି, ସେଠାରେ ବେଜୁଣୀ ଜାଣେ କି ପ୍ରକୃତରେ କ'ଣ ସମସ୍ୟା ରହିଛି, ଯାହା ଫଳରେ କି ଗ୍ରାମ ବାସୀମାନେ ଅନ୍ୟାନ୍ୟ ଅସୁବିଧାର ଶିକାର ହେଉଛନ୍ତି । ଏହି ଅସୁବିଧାକୁ ଦୂରେଇବାପାଇଁ ଯେଉଁ ସବୁ ପୂଜା କରିବାକୁ ପଡିଥାଏ, ତାହା କଲେ ଭଲ ହୋଇଥାଏ ବୋଲି ପାଟ ବେଜୁଣୀ କହିଥାଏ । କନ୍ଧ ଆଦିବାସୀ ପାଟବେଜୁଣୀର ପ୍ରତ୍ୟେକ କଥାକୁ ଅକ୍ଷର ଅକ୍ଷରରେ ପାଳନ କରିଥାନ୍ତି ଓ ବେଜୁଣୀ ଯାହା କହିଥାଏ ସେହି ପ୍ରକାରରେ ପୂଜା କରିଥାନ୍ତି । ଏହା ହେଉଛି କନ୍ଧ ଆଦିବାସୀ ସମାଜରେ ପାଟବେଜୁଣୀ ପ୍ରତି ଦୃଢ ବିଶ୍ୱାସ । ଯାହା କି ଆଧୁନିକ ଯୁଗରେ ମଧ୍ୟ ପ୍ରଥମେ ବେଜୁଣୀ ପାଖକୁ ନିଅନ୍ତି ଏବଂ ପରେ ଡାକ୍ତରଖାନା ନେଇଥାନ୍ତି । କନ୍ଧ ଆଦିବାସୀମାନଙ୍କ ଏହି ଦୃଢ ବିଶ୍ୱାସ ତାଙ୍କ ପରମ୍ପରାକୁ ସାଂପ୍ରତିକ ଯୁଗରେ ମଧ୍ୟ ବଞ୍ଚାଇ ରଖିପାରିଛନ୍ତି ।(୧୧)

## (ଙ) ବାରିକ

କନ୍ଧ ଜନଜାତି ମାନଙ୍କର ଗ୍ରାମ୍ୟ ପରିଷଦରେ ଅନ୍ୟ ମୁଖ୍ୟ ଏକ ପଦବୀ ରହିଛି । ଏହା ହେଉଛି ଏକ ବାରିକ ପଦ, ବାରିକ ଗ୍ରାମ୍ୟର ଏକ ମୁଖ୍ୟ । ସାଧାରଣତଃ ବାରିକଟିଏ ଅନ୍ୟ ହରିଜନ/ ପାଣ ଜାତିର ଲୋକ ହୋଇଥିବେ । ଏହି ବାରିକକୁ ଗ୍ରାମର ଲୋକ ମାନେ ପାଖ ଗ୍ରାମ ବା ନିଜ ଗ୍ରାମରୁ ନିର୍ବାଚିତ କରିଥାନ୍ତି । ବାରିକର ମୁଖ୍ୟକାର୍ଯ୍ୟ ହେଲା ପର୍ବପର୍ବାଣୀ କେବେ ହେବ, ପୂଜା, ବିବାହ, ଦଶାହ କାର୍ଯ୍ୟ ଓ ଭୋଜି ଆଦିପାଇଁ ଦିଶାରୀର ନିର୍ଦ୍ଦେଶ ଅନୁଯାୟୀ ଗ୍ରାମର ସବୁ ଘରେଘରେ ଡାକ ପକାଇ ଥାଏ।

କନ୍ଧ ଆଦିବାସୀଙ୍କ ପରମ୍ପରାରେ ରହି ଆସିଛି ଯେ ପ୍ରତ୍ୟେକକନ୍ଧ ଆଦିବାସୀଙ୍କ ଛାଡ଼ପତ୍ରରେ ବାରିକର ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ । ଯେଉଁ ଦିନ ପତିପତ୍ନୀ ଛାଡ଼ପତ୍ର ଦିଆ ନିଆ ହୁଅନ୍ତି ସେଦିନ ସମସ୍ତଙ୍କ ଆଗରୁ ବେରେନ ମୁଣ୍ଡାଠାରେ ଉପସ୍ଥିତ ରହିଥାଏ ଓ ପ୍ରତିତିନି ବର୍ଷରେ ଥରେ ଗୋଟିଏ ଗାଇ ଓ ମହୁଲି ମଦ ଗ୍ରାମର କୁଟୁମ୍ବକୁ ଦେଇଥାଏ । ଏହି ସବୁ ଉଚିତ କାର୍ଯ୍ୟକୁ ଦେଖି ପ୍ରତ୍ୟେକ କନ୍ଧ ଘରରୁ ନୂଆ କରି ଉତ୍ପାଦନ ହେଇଥିବା ସମସ୍ତ ଶସ୍ୟକୁ ଟିକିଏ ଟିକିଏ ସଂଗ୍ରହ କରି ବାରିକ ଘରକୁ ନେଇକି ଦେଇ ଆସନ୍ତି । ଏହି ସବୁ ନିୟମ ବା ପରମ୍ପରା କେଉଁ ଅନାଦି କାଳରୁ କନ୍ଧ ଆଦିବାସୀଙ୍କ ସମାଜରେ ଏହି ପ୍ରଥା ରହି ଆସିଛି । ତେଣୁ କନ୍ଧ ଆଦିବାସୀ ସମାଜରେ ବାରିକର ସ୍ଥାନ ପ୍ରଯୁଜ୍ୟ ।(୧୨)

## ଉପସଂହାର

ଆଦିବାସୀମାନଙ୍କ ସଂସ୍କୃତିରେ ସାମାଜିକ ଜୀବନଚର୍ଯ୍ୟା ଉଦାର ଏବଂ ସରଳ । ଆଦିବାସୀଙ୍କ ଜୀବନଚର୍ଯ୍ୟାରେ ଏକ ଗଭୀର ପର୍ଯ୍ୟବେକ୍ଷଣ, ଅଧ୍ୟୟନ ଏବଂ ବିଶ୍ଳେଷଣ ଆମକୁ ସ୍ୱଷ୍ଟ କରିବ । ଏହି ଉପରୋକ୍ତ ସମସ୍ତ ବର୍ଣ୍ଣିତ ଅଂଶ ଗୁଡ଼ିକର ଆଦିବାସୀ ସ୍ୱାଧୀନତା ଭିତ୍ତିକ ଭାବରେ ବିବେଚନା କରାଯାଏ । ଯଦିଓ ଆଧୁନିକୀକରଣ ଏବଂ ଜଗତିକରଣ ପ୍ରକ୍ରିୟା କୋରାପୁଟ ଅଞ୍ଚଳର ପାହାଡ଼ରେ ପ୍ରବେଶ କରି ସେମାନଙ୍କ ପାରମ୍ପରିକ ଜୀବନଶୈଳୀକୁ ପରିବର୍ତ୍ତନ କରି ସାରିଛି; ତଥାପି ସେମାନଙ୍କ ସାଂସ୍କୃତିକ ଇତିହାସ ଜଡ଼ିତ ପରମ୍ପରା ଦୁନିଆରେ ସବୁ ବେଳେ ସବୁଜ ରହିବ ।

## ପାଦଟୀକା

୧. ମିଶ୍ର, ଶ୍ରୀ ନୃସିଂହ ପ୍ରସାଦ ଓ ସାହୁ ଶ୍ରୀ ସୁକଦେବ-ଆଦିବାସୀ ସମାଜ ଓ ସଂସ୍କୃତି,ପୃ-୧୩

୨. ନିଜସ୍ୱ ସଂଗୃହିତ: ତଥ୍ୟ ପ୍ରଦାନକାରୀ-ଜାମା ମାଣ୍ଡିଙ୍ଗା, ଗ୍ରାମ: ଡୋଲିଆମ୍ବା,କୋରାପୁଟ

୩. ପାତ୍ର, ଦେବାଶିଷ- ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଜନଜାତି ସଂସ୍କୃତି ଓ ସାହିତ୍ୟ,ପୃ- ୪୨

୪. ମହାନ୍ତି, କେ କେ- କୋରାପୁଟର ଜନଜାତି,ପୃ-୧୯

୫. ଜସ୍ୱ ସଂଗୃହିତ: ତଥ୍ୟ ପ୍ରଦାନକାରୀ-ଆଲମେ ନାଚିକା, ଗ୍ରାମ: ପିରିବାଲି, ନାରାୟଣପାଟଣା, କୋରାପୁଟ

୬. ନିଜସ୍ୱ ସଂଗୃହିତ: ତଥ୍ୟ ପ୍ରଦାନକାରୀ-ଗୋପୀନାଥ ହବିକା, ଗ୍ରାମ: ରୁଡୁପାଇ, ବନ୍ଧୁଗାଁ, କୋରାପୁଟ

୭. ରଥ, ରଘୁନାଥ- କନ୍ଧ ସଂସ୍କୃତିର ଅନାଲୋଚିତ ଅଧ୍ୟାୟ,ପୃ-୧୫-୧୬

୮ ମିଶ୍ର, ଶ୍ରୀ ନୃସିଂହ ପ୍ରସାଦ ଓ ସାହୁ ଶ୍ରୀ ସୁକଦେବ-ଆଦିବାସୀ ସମାଜ ଓ ସଂସ୍କୃତି,ପୃ-୧୨୮

## ସହୟକ ଗ୍ରନ୍ଥ

**୧.** ମିଶ୍ର, ଶ୍ରୀ ଉଦୟ ଚନ୍ଦ୍ର, ଅବିଭକ୍ତ କୋରାପୁଟର ଲୋକ ସଂସ୍କୃତି ଓ ଏହାର ଭିତ୍ତି ଭୂମି, ପ୍ରକାଶକ:ଏମ କର୍ପ ମ୍ୟାନେଜ ମେଣ୍ଟ ସର୍ଭିସେସ ପ୍ରାଇଭେଟ ଲିମିଟେଡ ହୋସୁର ରୋଡ, ବାଙ୍ଗାଲୋର, ସଂସ୍କରଣ ୨୦୧୬

**୨.** ପାତ୍ର, ଦେବାଶିଷ, ଦକ୍ଷିଣାଞ୍ଚଳୀୟ ଓଡ଼ିଆ ଜନଜାତି ସଂସ୍କୃତି ଓ ସାହିତ୍ୟ, ପ୍ରକାଶକ: ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ସଂସ୍ଥା, ପୁସ୍ତକ ଭବନ, ଭୁବନେଶ୍ୱର, ସଂସ୍କରଣ -୨୦୧୫

**୩ .** ରଥ, ରଘୁନାଥ, କନ୍ଧ ସଂସ୍କୃତିର ଅନାଲୋଚିତ ଅଧ୍ୟାୟ, ପ୍ରକାଶକ: ସତ୍ତା ସାହିତ୍ୟ ସଂସଦ କୋରାପୁଟ, ସଂସ୍କରଣ-୧୯୯୩

**୪.** ମିଶ୍ର, ଶ୍ରୀ ନୃସିଂହ ଓ ସାହୁ ଶ୍ରୀ ସୁକଦେବ, ଆଦିବାସୀ ସମାଜ ଓ ସଂସ୍କୃତି, ପ୍ରକାଶକ: ମନୋରମା ପବ୍ଲିଶର୍ସ, ବାଲୁବଜାର, କଟକ, ସଂସ୍କରଣ-୨୦୦୮

୫. ମହାନ୍ତି, କେ କେ, କୋରାପୁଟର ଜନଜାତି, ପ୍ରକାଶକ: କୋଟସ, କୋରାପୁଟ,ସଂସ୍କରଣ- ୨୦୦୬